## ହଜ୍‌ଯାତ୍ରୀଙ୍କୁ ମିଳିବ ଭୁବନେଶ୍ୱରରୁ ସିଧା ବିମାନ ସୁବିଧା

# 'ଖୁବ୍‌ଶୀଘ୍ର ହଜ୍ ହାଉସ୍ ନିର୍ମାଣ ଶେଷ ହେବ'



ଭୁବନେଶ୍ୱର,୧୧।୭/ଏନ୍‌ଏନ୍‌ଏସ୍:

ରାଜ୍ୟ ସରକାର ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଉତ୍‌ଥାନ ପାଇଁ ଅନେକ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟରେ ବହୁ ପ୍ରତିକ୍ଷିତ ହଜ୍ ହାଉସ୍‌ର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ଆଜି ଜୟଦେବ ଭବନଠାରେ ରାଜ୍ୟ ହଜ୍ କମିଟି ପକ୍ଷରୁ ଆୟୋଜିତ ଓଡ଼ିଶା ହଜ୍‌ଯାତ୍ରୀ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ହଜ୍‌ଯାତ୍ରୀଙ୍କୁ ହଜ୍‌କିଟ୍ ପ୍ରଦାନ କରିବା ଅବସରରେ କହିଲେ ଯେ, ଆଗାମୀ ଦିନରେ ହଜ୍‌ଯାତ୍ରୀମାନେ ଭୁବନେଶ୍ୱରରୁ ସିଧାସଳଖ ଭାବେ ବିମାନ ଯାତ୍ରା କରିବା ପାଇଁ ଉଦ୍ୟମ କରାଯାଉଛି। ମୁସଲମାନମାନଙ୍କ ସବୁଠାରୁ ବଡ଼ ପବିତ୍ର ଯାତ୍ରା ହେଉଛି ହଜ୍। ଚଳିତ ବର୍ଷ ଓଡ଼ିଶାରୁ ୭୩୧ଜଣ ଯାତ୍ରୀ ହଜ୍ ଯାତ୍ରାରେ ଯାଉଛନ୍ତି। ହଜ୍‌ଯାତ୍ରୀଙ୍କ ସୁବିଧା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ବନ୍ଦୋବସ୍ତ କରିଛନ୍ତି। ଅଲ୍ଲାଙ୍କ କରୁଣାରୁ ସେମାନଙ୍କର ଏହି ଯାତ୍ରା ସଫଳ ହେଉ ବୋଲି ମୁଖ୍ୟମନ୍ତ୍ରୀ କାମନା କରିଛନ୍ତି। ସେ ପୁଣି କହିଲେ ଯେ, ସଂଖ୍ୟାଲଘୁ ବର୍ଗର ଲୋକଙ୍କ ଶିକ୍ଷାର ପ୍ରସାର ପାଇଁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ପାଠାଗାର, ପରୀକ୍ଷାଗାର ଓ ଅତିରିକ୍ତ ଶ୍ରେଣୀଗୃହର ସୁବିଧା ପାଇଁ ବ୍ୟବସ୍ଥା କରାଯାଉଛି। ସେଥିଲାଗି ପ୍ରତ୍ୟେକ ଶିକ୍ଷାନୁଷ୍ଠାନକୁ ୬ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ସଂଖ୍ୟାଲଘୁ ବର୍ଗର ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ୪ହଜାର ଛାତ୍ରଛାତ୍ରୀ ରହିବା ଭଳି ୪୦ଟି ହଷ୍ଟେଲ ନିର୍ମାଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣମନ୍ତ୍ରୀ ରମେଶ ମାଝୀ ହଜ୍‌ଯାତ୍ରୀଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରି କହିଲେ ଯେ, ଓଡ଼ିଶା ହେଉଛି ଏକ ଭାଇଚାରାର ରାଜ୍ୟ। ଏଠାରେ ସମସ୍ତେ ଏକାଠି ହୋଇ ଶାନ୍ତିରେ ବସବାସ କରିଥାନ୍ତି। ଆଗାମୀ ଦିନରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ି ତୋଳିବା ଲାଗି ସମସ୍ତେ ଉଦ୍ୟମ ଜାରି ରଖନ୍ତୁ ବୋଲି ଶ୍ରୀ ମାଝୀ ଆହ୍ୱାନ ଦେଇଥିଲେ।

ବିଧାୟକ ଆୟୁବ୍ ଖାଁ ଏଥିରେ ଉପସ୍ଥିତ ରହି କହିଲେ ଯେ, ହଜ୍‌ଯାତ୍ରୀମାନେ ଅଲ୍ଲାଙ୍କ ପାଖରେ ଓଡ଼ିଶା ଉନ୍ନତି ପାଇଁ ପ୍ରାର୍ଥନା କରିବା ଲାଗି ▶▶ ୭